# ଶ୍ରୀସୁଦର୍ଶନଙ୍କର ଶ୍ରୀକ୍ଷେତ୍ର ପରିକ୍ରମାର ପ୍ରଚ୍ଛନ୍ନ ରହସ୍ୟ

● ଡ଼କ୍ଟର ପ୍ରଭାତ ରଞ୍ଜନ ମହାପାତ୍ର

ପରମ ପବିତ୍ର ପୁରୁଷୋତ୍ତମ କ୍ଷେତ୍ରରେ ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସଚ୍ଚିଦାନନ୍ଦ ସ୍ୱରୂପ ବେଦାନ୍ତ ବେଦ୍ୟ ବିଶ୍ୱବନ୍ଦ୍ୟ ଚତୁର୍ବର୍ଗଫଳପ୍ରଦ ସର୍ବବେଦମୟ ସର୍ବଦେବମୟ ସର୍ବସ୍ୱରୂପ[୧] ସର୍ବାଧାର ସର୍ବକାମ ସର୍ବରସ ସର୍ବଜନବନ୍ଦ୍ୟ ସର୍ବତ୍ର ପରିପୂର୍ଣ୍ଣ ସର୍ବତୋମୁଖ ପରଂବ୍ରହ୍ମ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଚିତ୍ର ରହସ୍ୟମୟ ଦାରୁବିଗ୍ରହ ଧାରଣ କରି ଶ୍ରୀମନ୍ଦିରସ୍ଥ ରତ୍ନସିଂହାସନରେ ବିରାଜମାନ କରିଛନ୍ତି । ଆକାଶ ଯେପରି ସର୍ବବ୍ୟାପକ ଏବଂ ସମୁଦ୍ର ଯେଭଳି ସୁଗଭୀର ଓ ବିଶାଳ, ମହାପ୍ରଭୁ ସେହିଭଳି ଅସୀମ ଓ ଗଭୀର ଚେତନାର ପ୍ରତୀକ । ଜଗନ୍ନାଥଙ୍କର ଅନଧିଗତ ରହସ୍ୟମୟୀ ଚେତନାର ବିଭିନ୍ନ ଦିଗ (ଲୌକିକ ତଥା ଅଲୌକିକ) ସମ୍ବନ୍ଧରେ ଅନେକ ଦାର୍ଶନିକ, ଭାବୁକ, ସମାଲୋଚକ, ଐତିହାସିକ ତଥା ଗବେଷକ ବିଭିନ୍ନ ଦୃଷ୍ଟିକୋଣରୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ ମଧ୍ୟ ଏବେବି ଅନେକ ତଥ୍ୟ ଅଜ୍ଞାତ (ରହସ୍ୟାବୃତ) ହୋଇ ରହିଛି ।

ରତ୍ନସିଂହାସନରେ ଅଧିଷ୍ଠିତ ମହାପ୍ରଭୁ ଜଗନ୍ନାଥଙ୍କର ବାମ ପାର୍ଶ୍ୱରେ ଦ୍ୱାଦଶ କଳାତ୍ମକ ଆଦିତ୍ୟ ଦେବଙ୍କର ପ୍ରତୀକ ରୂପେ ଚକ୍ର ସୁଦର୍ଶନ ଦଣ୍ଡାକାରରେ ବିରାଜମାନ କରିଛନ୍ତି । ବେଦାନ୍ତବେଦ୍ୟ ଆତ୍ମା ବା ବ୍ରହ୍ମ ଏକ ଏବଂ ଅଦ୍ୱିତୀୟ ହେଲେ ମଧ୍ୟ ବ୍ୟାବହାରିକ ଦୃଷ୍ଟିରେ ଯେପରି ଚତୁଷ୍ପାତ୍ ବୋଲି ବର୍ଣ୍ଣିତ ହୋଇଛନ୍ତି, ଠିକ୍ ସେହିପରି ଜଗନ୍ନାଥ ମହାପ୍ରଭୁ ତତ୍ତ୍ୱତଃ (ପରମାର୍ଥତଃ) ଏକ ଏବଂ ଅଦ୍ୱିତୀୟ ହେଲେ ମଧ୍ୟ ଲୌକିକ ଦୃଷ୍ଟିରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ତଥା ସୁଦର୍ଶନ ଏହିପରି ଚତୁର୍ଦ୍ଧାମୂର୍ତ୍ତି[୨] ଧାରଣ କରି ପୂଜିତ ହେଉଛନ୍ତି । ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ ପ୍ରଭୁ ବଳଭଦ୍ର ଜାଗ୍ରଦ୍ ଅବସ୍ଥାର ପ୍ରତୀକ (ବିଶ୍ୱ), ମା' ସୁଭଦ୍ରା ସ୍ୱପ୍ନାବସ୍ଥାର ନିଦର୍ଶନ (ତୈଜସ), ଶ୍ରୀଜଗନ୍ନାଥ ମହାପ୍ରଭୁ ସୁଷୁପ୍ତି ଅବସ୍ଥାର ସ୍ୱରୂପ (ପ୍ରାଜ୍ଞ, ସର୍ବଜ୍ଞ, ସର୍ବେଶ୍ୱର ଓ ଅନ୍ତର୍ଯ୍ୟାମୀ) ଏବଂ ଚକ୍ର ସୁଦର୍ଶନ ତୁରୀୟାବସ୍ଥା (ନିରୁପାଧିକ ଅବସ୍ଥା)ର ପ୍ରତୀକ ଅଟନ୍ତି । ଅତଏବ ସେ କେବଳ ଦଣ୍ଡାକାରରେ ବିଦ୍ୟମାନ[୩] । (ବର୍ତ୍ତୁଳାକାର = ଅସ୍ତ୍ର = ମାୟାମୁକ୍ତ ଦଣ୍ଡାକାର = ଶସ୍ତ୍ର = ମାୟିପତ୍ରୀ) ।

କୋଟି ସୂର୍ଯ୍ୟ ସମପ୍ରଭ ପ୍ରଭୁ ସୁଦର୍ଶନ ପବିତ୍ର ବୈକୁଣ୍ଠ ଧାମ (ପୁରୁଷୋତ୍ତମ ଧାମ)ର ପଥପ୍ରଦର୍ଶକ ବୋଲି ପୁରୁଷୋତ୍ତମ ମାହାତ୍ମ୍ୟରେ ବର୍ଣ୍ଣନା କରାଯାଇଛି –

**ସୁଦର୍ଶନ ମହାଜ୍ୱାଳ କୋଟିସୂର୍ଯ୍ୟସମପ୍ରଭ**
**ଅଜ୍ଞାନତିମିରାନ୍ଧାନାଂ ବୈକୁଣ୍ଠାଧ୍ୱପ୍ରଦର୍ଶକ ।** (ଅ ୨୭-)

**ସୁଦର୍ଶନ ନମସ୍ତେଽସ୍ତୁ କୋଟିସୂର୍ଯ୍ୟସମପ୍ରଭ**
**ଅଜ୍ଞାନତିମିରାନ୍ଧସ୍ୟ ବିଷ୍ଣୋଃ ମାର୍ଗଂ ପ୍ରଦର୍ଶୟ ॥** (ଅ ୩୦)

ଏହି ଉଦ୍ଦେଶ୍ୟରେ (ମହାପ୍ରଭୁଙ୍କ ଯାତ୍ରାକୁ ନିର୍ବିଘ୍ନ କରିବା ପାଇଁ) ପବିତ୍ର ରଥଯାତ୍ରା ସମୟରେ ବଳଭଦ୍ର, ସୁଭଦ୍ରା, ଏବଂ ଜଗନ୍ନାଥଙ୍କର ପହଣ୍ଡି ବିଜେ ହେବା ପୂର୍ବରୁ ପ୍ରଭୁ ସୁଦର୍ଶନଙ୍କୁ ପ୍ରଥମେ ତାଙ୍କର ପ୍ରିୟ ସେବକ ଦୟିତାପତିମାନେ ତଥାକଥିତ ପହଣ୍ଡି ନ କରି ଶୂନ୍ୟରେ ଧରି ଦ୍ରୁତ ଗତିରେ ଆଣି ସୁଭଦ୍ରାଙ୍କ ରଥରେ ଅବସ୍ଥାପିତ କରିଥାନ୍ତି । ଶ୍ରୀଜଗନ୍ନାଥଙ୍କର ପବିତ୍ର ସ୍ନାନ ଯାତ୍ରା, ଗୁଣ୍ଡିଚା ଯାତ୍ରା ତଥା ବାହୁଡ଼ା ଯାତ୍ରା, ଏହି ତିନିଗୋଟି ଯାତ୍ରାରେ ପ୍ରଭୁ ସୁଦର୍ଶନ ପ୍ରଥମେ ସ୍ନାନମଣ୍ଡପ, ରଥ, ତଥା ଆଡ଼ପମଣ୍ଡପରେ ବିଜେ ହୋଇଥାନ୍ତି । ମହାପ୍ରଭୁ ଜଗନ୍ନାଥଙ୍କର ପବିତ୍ର ସ୍ନାନଯାତ୍ରା ଓ ଘୋଷଯାତ୍ରା ସମାପ୍ତ ହେବାପରେ ପୁନର୍ବାର ପୃଥକ୍ ଭାବେ ପ୍ରଭୁ ସୁଦର୍ଶନ ତାଙ୍କର ବିଶିଷ୍ଟ ଯାତ୍ରା ବା ଶ୍ରୀକ୍ଷେତ୍ର ପରିକ୍ରମା କରିଥାନ୍ତି । ଶ୍ରୀସୁଦର୍ଶନଙ୍କର ଶ୍ରୀକ୍ଷେତ୍ର ପରିକ୍ରମାର କେତେକ ପ୍ରଚ୍ଛନ୍ନ ରହସ୍ୟ (ଦାର୍ଶନିକ ଚେତନାପୂର୍ଣ୍ଣ) ସମ୍ବନ୍ଧରେ କିଂଚିତ୍ ଆଲୋଚନା କରିବା (ଦିଗ୍‌ଦର୍ଶନ ଦେବା) ହିଁ ଏହି ନାତିଦୀର୍ଘ ପ୍ରବନ୍ଧର ଉଦ୍ଦେଶ୍ୟ । ଏହି ପ୍ରସଙ୍ଗରେ କେତେକ ପ୍ରତ୍ୟକ୍ଷଦର୍ଶୀ ବ୍ୟକ୍ତିଙ୍କର ଅନୁଭୂତିକୁ ପ୍ରକାଶ କରିବା ଯୁକ୍ତିସଂଗତ ମନେ ହୁଏ ।

ମହାପ୍ରଭୁ ଜଗନ୍ନାଥଙ୍କର ଆଜ୍ଞାମାଳ ବହନ କରି ଚକ୍ର ସୁଦର୍ଶନ ସାକ୍ଷାତ୍ ପ୍ରଭୁଙ୍କର ପ୍ରତିନିଧି ରୂପରେ ବର୍ଷକୁ ତିନିଥର ଶ୍ରୀକ୍ଷେତ୍ର ପରିକ୍ରମା କରିଥାନ୍ତି । ନିର୍ଦ୍ଦିଷ୍ଟ ତିଥିମାନଙ୍କରେ ନିର୍ଦ୍ଦିଷ୍ଟ ସମୟରେ ସେ ଦ୍ୱାଦଶ ଚକ୍ର ବିଶିଷ୍ଟ ସୁସଜ୍ଜିତ ରମଣୀୟ ବିମାନରେ ବିଜେ ହୋଇ ଶ୍ରୀକ୍ଷେତ୍ରର ନିର୍ଦ୍ଦିଷ୍ଟ ପୀଠସ୍ଥଳୀ (ଶ୍ରୀଜଗନ୍ନାଥଙ୍କ ଗୁରୁପୀଠ) ମାନଙ୍କୁ ବିଜେ କରିଥାନ୍ତି । ମହାପ୍ରଭୁ ଜଗନ୍ନାଥ ପବିତ୍ର ରଥଯାତ୍ରା ସମାପ୍ତ କରି ରତ୍ନସିଂହାସନରେ ବିଜେ ହେବା ପରେ (ହରିଶୟନ ପରେ) ପ୍ରାୟ ଏକ ମାସପରେ ପ୍ରଭୁ ସୁଦର୍ଶନଙ୍କର ଯାତ୍ରା ବା କ୍ଷେତ୍ର ପରିକ୍ରମା ଆରମ୍ଭ ହୁଏ । ଏହି ଯାତ୍ରା ପରିକ୍ରମା ଚାତୁର୍ମାସ୍ୟ କାଳ ଭିତରେ ଆରମ୍ଭ ହୋଇ ସମାପ୍ତ ହୁଏ । ଏହି ଯାତ୍ରା ମାତ୍ର ତିନି ଥର ଅନୁଷ୍ଠିତ ହୋଇଥାଏ ।

ଶ୍ରାବଣ ମାସ ପୂର୍ଣ୍ଣିମା (ଗହ୍ମାପୂର୍ଣ୍ଣିମା) ଦିନ ଏହି ଯାତ୍ରା ଆରମ୍ଭ ହୋଇ କୁମାରପୂର୍ଣ୍ଣିମା ଦିନ ସମାପ୍ତ ହୁଏ । ଭାଦ୍ର ଶୁକ୍ଳ ଅଷ୍ଟମୀ (ରାଧାଷ୍ଟମୀ) ତିଥିରେ ସୁଦର୍ଶନଙ୍କର ମଧ୍ୟବର୍ତ୍ତୀକାଳୀନ ଯାତ୍ରା (ଶ୍ରୀକ୍ଷେତ୍ର ପରିକ୍ରମା) ଅନୁଷ୍ଠିତ ହୋଇଥାଏ । ଏହି ତିନିଗୋଟି ତିଥିରେ ଜଗନ୍ନାଥ ମହାପ୍ରଭୁଙ୍କର ମଧ୍ୟାହ୍ନ ଧୂପ

ସମାପ୍ତ ହେବାପରେ ପ୍ରଭୁ ସୁଦର୍ଶନ ଯାତ୍ରାରମ୍ଭ କରନ୍ତି[୪]। ପ୍ରଥମେ ସେ ମହାପ୍ରଭୁଙ୍କର ଆଜ୍ଞାମାଳ ବହନ କରି ଶ୍ରୀମନ୍ଦିର ରତ୍ନସିଂହାସନରୁ ବାହାରି ମୁଖ୍ୟମନ୍ଦିରର ଦକ୍ଷିଣଦ୍ୱାର ଦେଇ ମୁକ୍ତିମଣ୍ଡପ ସମ୍ମୁଖରେ ପ୍ରସ୍ତୁତ ଥିବା ଦ୍ୱାଦଶ ଚକ୍ର ବିଶିଷ୍ଟ ବିମାନ ମଧ୍ୟରେ ବିଜେ ହୁଅନ୍ତି[୫] । ତା'ପରେ ଶ୍ରୀମନ୍ଦିରକୁ ପ୍ରଦକ୍ଷିଣ କରି ଆନନ୍ଦ ବଜାର ମାର୍ଗଦେଇ ପୂର୍ବଦ୍ୱାର (ସିଂହଦ୍ୱାର)ରେ ବାହାରକୁ (ବଡ଼ଦାଣ୍ଡକୁ) ଆସିଥାନ୍ତି । ଶ୍ରାବଣ ପୂର୍ଣ୍ଣିମା ଦିନ ପ୍ରଭୁ ସୁଦର୍ଶନ ସିଂହଦ୍ୱାର ଦେଇ ବାହାରକୁ (ଅରୁଣସ୍ତମ୍ଭ ନିକଟକୁ) ଆସିବା ପରେ ପୁନର୍ବାର ଦକ୍ଷିଣ ମୁଖ ହୋଇ ଶ୍ରୀମନ୍ଦିରର ବାହାର ବେଢ଼ା ପରିକ୍ରମା କରିଥାନ୍ତି । ସେହି କ୍ରମରେ ସେ ମାର୍କଣ୍ଡେଶ୍ୱରଙ୍କ ନିକଟକୁ ଯାଇଥାନ୍ତି । ସେଠାରେ ଯଥାରୀତି ବଳଭଦ୍ର ଜନ୍ମ ଅନୁଷ୍ଠିତ ହୋଇଥାଏ (ସୁଦର୍ଶନଙ୍କ ଉପସ୍ଥିତିରେ)[୬] । ମାର୍କଣ୍ଡେଶ୍ୱରଙ୍କ ପୀଠ ଭ୍ରମଣ ପରେ ପ୍ରଭୁ ସୁଦର୍ଶନ ଜହ୍ନିମୁଣ୍ଡିଆ ଛକ ନିକଟସ୍ଥ ଅଙ୍ଗିରାଶ୍ରମ, ବାଲିସାହିସ୍ଥ ଭୃଗୁ ଆଶ୍ରମ (ଉଗ୍ରସେନ ମଣ୍ଡପ), ତଥା ହରଚଣ୍ଡୀ ସାହିସ୍ଥ ପଣ୍ଡୁ ଆଶ୍ରମ (ପଣ୍ଡୁ ନୃସିଂହ) ଭ୍ରମଣ କରି ଯମେଶ୍ୱରଙ୍କ ଠାରେ ବିଜେ କରିଥାନ୍ତି । ସେଠାରୁ ପ୍ରତ୍ୟାବର୍ତ୍ତନ କରି ପୂର୍ବଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରନ୍ତି (ବଳଭଦ୍ର ଜନ୍ମ ହିଁ ଶ୍ରାବଣପୂର୍ଣ୍ଣିମାରେ ସୁଦର୍ଶନଙ୍କର ଭ୍ରମଣର ମୁଖ୍ୟ ଉଦ୍ଦେଶ୍ୟ) । ଶ୍ରାବଣ ପୂର୍ଣ୍ଣିମାର ଠିକ୍ ଚବିଶ ଦିନ ପରେ ଅର୍ଥାତ୍ ଭାଦ୍ର ଶୁକ୍ଳ ଅଷ୍ଟମୀ ତିଥିରେ ସୁଦର୍ଶନଙ୍କର ଦ୍ୱିତୀୟ ଯାତ୍ରା (କ୍ଷେତ୍ର ପରିକ୍ରମା) ଅନୁଷ୍ଠିତ ହୁଏ । ସେହିଦିନ ସେ କେବଳ ଭୃଗୁ ଆଶ୍ରମ ତଥା ପଣ୍ଡୁ ଆଶ୍ରମ ଭ୍ରମଣ କରି ଯମେଶ୍ୱରଙ୍କ ନିକଟରେ କିଛି ସମୟ ଅବସ୍ଥାନ କରିଥାନ୍ତି । ଇତ୍ୟବସରରେ ଜଗନ୍ନାଥଙ୍କର ଆୟବ୍ୟୟ ହିସାବ କରାଯାଏ । ସେଦିନ ମଧ୍ୟ ସେ ଯାତ୍ରା ପରିସମାପ୍ତି ପରେ ପୂର୍ବଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରନ୍ତି । ଭାଦ୍ର ଶୁକ୍ଳ ଅଷ୍ଟମୀର ଠିକ୍ ୩୮ଦିନ (ଏକମାସ ଆଠଦିନ) ପରେ ଆଶ୍ୱିନ ପୂର୍ଣ୍ଣିମା ଦିନ ପ୍ରଭୁ ସୁଦର୍ଶନଙ୍କର ତୃତୀୟ ଯାତ୍ରା ବା ସମାପନୀ ଯାତ୍ରା ଆରମ୍ଭ ହୁଏ । ସେଦିନ ସେ ଶ୍ରୀମନ୍ଦିରରୁ ମାର୍କଣ୍ଡ ଆଶ୍ରମକୁ ନ ଯାଇ ପ୍ରଥମେ ଅଙ୍ଗିରାଶ୍ରମ, ତା'ପରେ ଭୃଗୁ ଆଶ୍ରମ ଏବଂ ଶେଷରେ ପଣ୍ଡୁ ଆଶ୍ରମ ଭ୍ରମଣ କରି ଯମେଶ୍ୱରଙ୍କ ନିକଟରେ ଅବସ୍ଥାନ କରିଥାନ୍ତି । ସେଠାରେ ତାଙ୍କର ଯଥାରୀତି ପୂଜାର୍ଚ୍ଚନା ବନ୍ଦାପନା ସମାପ୍ତ ହେବା ପରେ ତାଙ୍କୁ ଶୀତଳାପିଣ୍ଡା ସାହି, ବାରବାଟି ଯାଗା, ନାଗାମଠ, ବାସେଳି ଠାକୁରାଣୀ ଇତ୍ୟାଦି ସ୍ଥାନରେ ପନ୍ତିଭୋଗ ଅର୍ପଣ କରାଯାଏ । ବାର୍ଷିକ ଯାତ୍ରାର ଶେଷ ପର୍ଯ୍ୟାୟରେ ପ୍ରଭୁ ସୁଦର୍ଶନ ପୂର୍ବଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ ନ କରି (ଯଦିଓ ସେ ଦିନ ସେ ପୂର୍ବଦ୍ୱାର ଦେଇ ଯାତ୍ରାରମ୍ଭ କରିଥାନ୍ତି, ତଥାପି ଯାତ୍ରା ଶେଷ କରନ୍ତି ନାହିଁ) ପଶ୍ଚିମ ଦ୍ୱାର ବାଟେ ଶ୍ରୀମନ୍ଦିରରେ ପ୍ରବେଶ କରନ୍ତି । ସ୍ନାନଯାତ୍ରା, ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଏଥିରେ ମହାପ୍ରଭୁଙ୍କ ଗହଣରେ (ସୁଭଦ୍ରାଙ୍କ ରଥରେ) ସୁଦର୍ଶନଙ୍କର ଯାତ୍ରା ଅନୁଷ୍ଠିତ ହୋଇଥାଏ । କିନ୍ତୁ ଶ୍ରାବଣପୂର୍ଣ୍ଣିମା, ରାଧାଷ୍ଟମୀ ତଥା କୁମାରପୂର୍ଣ୍ଣିମା ଏହି ତିନି ଦିନରେ ସ୍ୱତନ୍ତ୍ର ଭାବରେ ସୁଦର୍ଶନଙ୍କର ଯାତ୍ରା ବା କ୍ଷେତ୍ର ପରିକ୍ରମା ଅନୁଷ୍ଠିତ ହୁଏ । ଦ୍ୱାଦଶ କଳାତ୍ମକ ଆଦିତ୍ୟ ଯେପରି ପୂର୍ବ ଦିଗରେ ଉଦିତ ହୋଇ ପଶ୍ଚିମ ଦିଗରେ ଅସ୍ତ ହୁଅନ୍ତି, ମନେହୁଏ ଠିକ୍ ସେହିପରି ପ୍ରଭୁ ସୁଦର୍ଶନ ଦ୍ୱାଦଶ କଳାତ୍ମକ ସୂର୍ଯ୍ୟଙ୍କର ପ୍ରତୀକ ସଦୃଶ ପୂର୍ବଦ୍ୱାର (ପୂର୍ବଦିଗ) ଦେଇ ଯାତ୍ରାରମ୍ଭ କରି ଶେଷରେ କୁମାରପୂର୍ଣ୍ଣିମା ଦିନ ପଶ୍ଚିମଦ୍ୱାର ଦେଇ (ପଶ୍ଚିମ ଦିଗ) ଶ୍ରୀମନ୍ଦିରରେ ପ୍ରବେଶ କରନ୍ତି । ଅସ୍ତାଚଳଗାମୀ ସୂର୍ଯ୍ୟଙ୍କର ସାକ୍ଷାତ ପ୍ରତୀକ ନୀଳାଚଳଗାମୀ ସୁଦର୍ଶନ । ଏହା ତାଙ୍କର କ୍ଷେତ୍ର ପରିକ୍ରମା ବିଧିରୁ ସ୍ପଷ୍ଟଭାବେ ପରିଲକ୍ଷିତ ହୁଏ । ପ୍ରଭୁ ସୁଦର୍ଶନଙ୍କର ଏହି ସବୁ ଯାତ୍ରାରୁ ଜଣାପଡ଼େ ଯେ, ସେ ସ୍ନାନପୂର୍ଣ୍ଣିମା, ଆଷାଢ଼ ଶୁକ୍ଳ ଦ୍ୱିତୀୟା, ଶ୍ରାବଣପୂର୍ଣ୍ଣିମା, ଭାଦ୍ରଶୁକ୍ଳ ଅଷ୍ଟମୀ, ଆଶ୍ୱିନପୂର୍ଣ୍ଣିମା- ଏଇ ଛଅଗୋଟି ତିଥିରେ ଶ୍ରୀମନ୍ଦିରରୁ ଯାତ୍ରା ଆରମ୍ଭ କରି ପୁନର୍ବାର ଶ୍ରୀମନ୍ଦିରରେ ପ୍ରବେଶ କରନ୍ତି । ତାଙ୍କର ଆଗମନ ଓ ପ୍ରତ୍ୟାଗମନ ସଂଖ୍ୟା ଦ୍ୱାଦଶ ହୋଇ ଥିବାରୁ ସେ ଦ୍ୱାଦଶ ଆଦିତ୍ୟଙ୍କର ନିଦର୍ଶନ, ଏହା ସଂପୂର୍ଣ୍ଣ ଯୁକ୍ତିସଂଗତ । ତତ୍ ବ୍ୟତୀତ ସେ ଦ୍ୱାଦଶ ମାସର ମିଶ୍ରିତ ରୂପ ସଂବତ୍ସର ବା କାଳାବୟବର ନିଦର୍ଶନ । କାଳସ୍ୱରୂପ ସୁଦର୍ଶନ ମହାକାଳ ସ୍ୱରୂପୀ ଜଗନ୍ନାଥଙ୍କର ପ୍ରତିନିଧି ବା ଆୟୁଧ । ସେହି ମହାକାଳ ସ୍ୱରୂପୀ ଜଗନ୍ନାଥଙ୍କୁ ଆଶ୍ରା କଲେ ଜୀବ କାଳର ବଶୀଭୂତ ନହୋଇ ନିର୍ଭୟ ଓ କାଳଜୟୀ ହୁଏ, ଏହା ହିଁ ଜଗନ୍ନାଥ ଚେତନାର ରହସ୍ୟ ବୋଲି ମନେ ହୁଏ । ❒ ❒ ❒

**ଉପାଚାର୍ଯ୍ୟ, ସ୍ନାତକୋତ୍ତର ବେଦାନ୍ତ ବିଭାଗ,**
**ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ**

୧. ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ ନମୋଽସ୍ତୁତେ ସର୍ବତ ଏବ ସର୍ବଃ
ଅନନ୍ତବୀର୍ଯ୍ୟାମିତବିକ୍ରମସ୍ତ୍ୱଂ ସର୍ବଂ ସମାପ୍ନୋଷି ତତୋଽସି ସର୍ବଃ
(ଭଗବଦ୍ ଗୀତା ୧୧/୪୦)
ସର୍ବତଃ ପାଣିପାଦଂ ତତ୍ ସର୍ବତୋଽକ୍ଷିଶିରୋମୁଖମ୍
ସର୍ବତଃ ଶ୍ରୁତିମଁଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି
(ଭଗବଦ୍ ଗୀତା-୧୩/୧୩)
ସର୍ବଜ୍ଞ ଭଗବାନ ହରି, ସର୍ବ ସ୍ୱରୂପେ ରୂପ ଧରି
(ଭାଗବତ ଷଷ୍ଠ ସ୍କନ୍ଧ)

୨. ମାଣ୍ଡୁକ୍ୟ ଉପନିଷଦ ବର୍ଣ୍ଣିତ ଓଁକାର ସ୍ୱରୂପ ଆତ୍ମା ଯେଉଁଳି ଚତୁଷ୍ପାତ୍, ସେହିଭଳି ଜଗନ୍ନାଥ ମଧ୍ୟ ଚତୁର୍ଦ୍ଧାମୂର୍ତ୍ତି । ଅତଏବ ମହାପ୍ରଭୁ ହିଁ ବେଦାନ୍ତବେଦ୍ୟ ବ୍ରହ୍ମ, ଏହା ସ୍ପଷ୍ଟ ପରିଲକ୍ଷିତ ହୁଏ ।

୩. ସର୍ବଂ ହ୍ୟେତଦ୍ ବ୍ରହ୍ମ ଅୟମାତ୍ମା ବ୍ରହ୍ମ ସୋଽୟମାତ୍ମାଚତୁଷ୍ପାତ୍ -
ମାଣ୍ଡୁକ୍ୟ ଉପନିଷଦ୍

୪. ନୀଳାଦ୍ରି ମହୋଦୟ ଦ୍ରଷ୍ଟବ୍ୟ ।

୫. ଜଗନ୍ନାଥ ଉତ୍ତରମୁଖ ହୋଇ ଶ୍ରୀମନ୍ଦିରରୁ ବାହାରୁଥିବା ସ୍ଥଳେ ସୁଦର୍ଶନ ଦକ୍ଷିଣମୁଖୀ ହୋଇ ବାହାରନ୍ତି ।

୬. ଦକ୍ଷିଣାମୂର୍ତ୍ତି ରୂପରେ ସେ ସମସ୍ତ ଜୀବଗଣଙ୍କର କଲ୍ୟାଣକାରକ, ଦକ୍ଷିଣା ଅନୁକୂଳା ମୂର୍ତ୍ତିର୍ଯସ୍ୟ ସଃ ଦକ୍ଷିଣାମୂର୍ତ୍ତିଃ ।